# NATIONAL NEWS BULLETIN (ODIA)

**20 June- 2025**

**Mid Bulletin : 1.50 p.m.**

# ମୁଖ୍ୟ ସମ୍ବାଦ

- ଡେରାଡୁନ୍‌ରେ ରାଷ୍ଟ୍ରପତି ନିକେତନ ଓ ତପୋବନର ଉଦ୍‌ଘାଟନ କଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।

- ବିହାରର ଶିଓ୍ୱାନଠାରେ ୫ହଜାର ୯୦୦ କୋଟିରୁ ଅଧିକ ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଓ ଉଦ୍‌ଘାଟନ ଓ ଶିଳାନ୍ୟାସ କଲେ ପ୍ରଧାନମନ୍ତ୍ରୀ ।

- ଓଡ଼ିଶାରେ ବିଜେପି ସରକାରର ଏକବର୍ଷ ପୂର୍ତ୍ତି ଅବସରରେ ଆଜି ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ସମାରୋହରେ ଯୋଗଦେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

- ଆନ୍ତର୍ଜାତିକ ମହାକାଶ କେନ୍ଦ୍ରକୁ ଯିବାକୁ ଥିବା ଆକ୍ସିୟମ-୪ ମିଶନ ପୁଣିଥରେ ସ୍ଥଗିତ ।

ଏବଂ

- ଭାରତ ଓ ଇଂଲଣ୍ଡ ମଧ୍ୟରେ ଆଜି ଲିଡ୍‌ସ୍‌ଠାରେ ଖେଳାଯିବ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ପ୍ରଥମ ମ୍ୟାଚ୍ ।

# ପ୍ରେଜ୍ ଭିଜିଟ୍ ଉତ୍ତରାଖଣ୍ଡ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଡେରାଡୁନ୍‌ଠାରେ ରାଷ୍ଟ୍ରପତି ନିକେତନ ଏବଂ ରାଷ୍ଟ୍ରପତି ତପୋବନର ଉଦ୍‌ଘାଟନ କରିଛନ୍ତି । ଉଭୟ ରାଷ୍ଟ୍ରପତି ନିକେତନ ଏବଂ ତପୋବନ ଆସନ୍ତା ୨୪ ତାରିଖରୁ ସାଧାରଣ ଦର୍ଶକଙ୍କ ପାଇଁ ଖୋଲିବ । ଏହି ଗସ୍ତ କାଳରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ରାଷ୍ଟ୍ରପତି ନିକେତନରେ ଅନେକଗୁଡ଼ିଏ ବିକାଶମୂଳକ କାର୍ଯ୍ୟର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି । ୧୩୨ ଏକର ପରିମିତ ଅଞ୍ଚଳରେ ରାଷ୍ଟ୍ରପତି ଉଦ୍ୟାନ ପ୍ରତିଷ୍ଠା ଲାଗି ଶ୍ରୀମତୀ ମୁର୍ମୁ ଶିଳାନ୍ୟାସ କରିଛନ୍ତି । ଏହି କାର୍ଯ୍ୟ ଆସନ୍ତା ଏକବର୍ଷ ମଧ୍ୟରେ ଶେଷ କରିବା ଲାଗି ଲକ୍ଷ୍ୟ ରଖାଯାଇଛି । ଏହି ଅବସରରେ ଶ୍ରୀମତୀ ମୁର୍ମୁ ଦୃଷ୍ଟିବାଧିତ ସଶକ୍ତିକରଣ ଜାତୀୟ ପ୍ରତିଷ୍ଠାନର ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ । ସେ କହିଥିଲେ...

**V/O (President)**

# ପି.ଏମ୍. - ଓଡ଼ିଶା ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଭିଡ଼ିଓ କନ୍‌ଫରେନ୍ସିଂ ଜରିଆରେ ବିହାରର ଶିୱାନଠାରେ ୫ହଜାର ୯୦୦ କୋଟିରୁ ଅଧିକ ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି । ସେହିସବୁ ପ୍ରକଳ୍ପ ଗୁଡ଼ିକ ମଧ୍ୟରେ ସହରାଞ୍ଚଳ ବିକାଶ, ବର୍ଜ୍ୟଜଳ ବିଶୋଧନ ପ୍ଲାଣ୍ଟ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ରେଳ ଏବଂ ଶକ୍ତି ପ୍ରକଳ୍ପ ରହିଛି । ଏହି ଅବସରରେ ପ୍ରଧାନମନ୍ତ୍ରୀ ୪୦୦ କୋଟି ଟଙ୍କା ବ୍ୟୟରେ ବିହାର ଏବଂ ଉତ୍ତରପ୍ରଦେଶକୁ ସଂଯୋଗ କରୁଥିବା ନୂଆ ବୈଶାଳୀ-ଦେଓରିଆ ରେଳପଥର

ଉଦ୍‌ଘାଟନ କରିଛନ୍ତି । ଶ୍ରୀ ମୋଦୀ ପାଟଳିପୁତ୍ର ଏବଂ ଗୋରଖପୁର ମଧ୍ୟରେ ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍‌ର ଶୁଭାରମ୍ଭ କରିଛନ୍ତି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ନମାମି ଗଙ୍ଗେ ଯୋଜନା ଅଧୀନରେ ୧୮ଶହ କୋଟି ଟଙ୍କା ବ୍ୟୟରେ ନିର୍ମିତ ୬ଟି ବର୍ଜ୍ୟଜଳ ବିଶୋଧନାଗାରକୁ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି । ଏହାବ୍ୟତୀତ ପ୍ରଧାନମନ୍ତ୍ରୀ ବିହାରର ଜନସାଧାରଣଙ୍କୁ ସ୍ୱଚ୍ଛ ଜଳ ଯୋଗାଇଦେବା ଲକ୍ଷ୍ୟରେ ୩ହଜାର କୋଟି ଟଙ୍କା ବ୍ୟୟର ଅନେକଗୁଡ଼ିଏ ଜଳଯୋଗାଣ ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି । ପ୍ରଧାନମନ୍ତ୍ରୀ ବିହାରରେ ୫ଶହ ମେଗାୱାର୍ ବ୍ୟାଟେରୀ ଏନର୍ଜି ଷ୍ଟୋରେଜ୍ ସିଷ୍ଟମର ମଧ୍ୟ ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ପ୍ରଧାନମନ୍ତ୍ରୀ ସହରାଞ୍ଚଳ ଆବାସ ଯୋଜନା ଅଧୀନରେ ୫୩ହଜାର ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ପ୍ରଥମ କିସ୍ତି ପ୍ରଦାନ କରିବା ସହ ଅନ୍ୟକେତେଜଣ ହିତାଧିକାରୀଙ୍କୁ ପିଏମ୍ ଆବାସ ଗୃହ ଯୋଗାଇ ଦେଇଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଅପରାହ୍ଣରେ ଓଡ଼ିଶା ଗସ୍ତ କରି ରାଜ୍ୟ ସରକାରଙ୍କ ଏକ ବର୍ଷ ପୂରଣ ଅବସରରେ ରାଜ୍ୟସ୍ତରୀୟ ସମାରୋହରେ ଅଧ୍ୟକ୍ଷତା କରିବେ। ଏ ସମ୍ପର୍କରେ ରିପୋର୍ଟ...

***Report P.M. Visit..........***

*ଓଡ଼ିଶା ସରକାରଙ୍କ ଏକ ବର୍ଷ ପୂରଣ ଅବସରରେ ଆଜି ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ସମାରୋହରେ ଯୋଗ ଦେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ରାଜ୍ୟର ସାମଗ୍ରିକ ବିକାଶ ପ୍ରତି ପ୍ରତିବଦ୍ଧତା ଅନୁଯାୟୀ, ପ୍ରଧାନମନ୍ତ୍ରୀ ୧୮ ହଜାର ୬୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବହୁବିଧ ଉନ୍ନୟନ ପ୍ରକଳ୍ପର ଉଦଘାଟନ ଏବଂ ଶିଳାନ୍ୟାସ କରିବେ। ଏଥିରେ ପାନୀୟ ଜଳ, ଜଳସେଚନ, କୃଷି ଭିତ୍ତିଭୂମି, ସ୍ୱାସ୍ଥ୍ୟ ଭିତ୍ତିଭୂମି, ଗ୍ରାମୀଣ ରାସ୍ତା ଏବଂ ସେତୁ, ଜାତୀୟ ରାଜପଥ ଓ ନୂତନ ରେଳ ଲାଇନ ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ରହିଛି।*

ପ୍ରଧାନମନ୍ତ୍ରୀ ପ୍ରଥମ ଥର ପାଇଁ ବୌଦ୍ଧ ଜିଲ୍ଲାକୁ ରେଳ ସଂଯୋଗୀକରଣ କରୁଥିବା ନୂତନ ଟ୍ରେନ ସେବାକୁ ପତାକା ଦେଖାଇ ଶୁଭାରମ୍ଭ କରିବେ। ସ୍ୱଚ୍ଛ ଶକ୍ତି ଏବଂ ସ୍ଥାୟୀ ପରିବହନକୁ ପ୍ରୋତ୍ସାହନ ସ୍ୱରୂପ ଆଧୁନିକ, ପରିବେଶ ଅନୁକୂଳ ରାଜଧାନୀ କ୍ଷେତ୍ର ସହରାଞ୍ଚଳ ପରିବହନ ବ୍ୟବସ୍ଥା ଅଧୀନରେ ୧୦୦ଟି ବୈଦ୍ୟୁତିକ ବସ୍‌'କୁ ପ୍ରଧାନମନ୍ତ୍ରୀ ପତାକା ଦେଖାଇ ଶୁଭାରମ୍ଭ କରିବେ।

ପ୍ରଧାନମନ୍ତ୍ରୀ ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭ ପୁସ୍ତିକାକୁ ଉନ୍ମୋଚନ କରିବେ ଯାହା ସମନ୍ୱିତ ଅଭିବୃଦ୍ଧି ପାଇଁ ଏକ ମହତ୍ୱାକାଂକ୍ଷୀ ଏବଂ ଭବିଷ୍ୟତ ନିମନ୍ତେ ପ୍ରସ୍ତୁତ ରୋଡମ୍ୟାପ୍ ର ରୂପରେଖ ପ୍ରସ୍ତୁତ କରିବ।

ଶ୍ରୀ ମୋଦୀ ବିଶିଷ୍ଟ ଓଡ଼ିଆମାନଙ୍କ ଅବଦାନକୁ ଶ୍ରଦ୍ଧାଞ୍ଜଳି ସ୍ୱରୂପ, ପ୍ରଧାନମନ୍ତ୍ରୀ 'ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନା'ପଦକ୍ଷେପ ଆରମ୍ଭ କରିବେ। ଏହା ଯୋଜନା ସାଂସ୍କୃତିକ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ସହିତ ଓଡ଼ିଶାର ଐତିହ୍ୟକୁ ସମ୍ମାନିତ କରିବା ପାଇଁ ସଂଗ୍ରହାଳୟ, ବ୍ୟାଖ୍ୟାନ କେନ୍ଦ୍ର, ପ୍ରତିମୂର୍ତ୍ତି, ପାଠାଗାର ଏବଂ ସାର୍ବଜନୀନ ସ୍ଥାନ ମାଧ୍ୟମରେ ମହାପୁରୁଷଙ୍କ ଜନ୍ମସ୍ଥାନକୁ ଜୀବନ୍ତ ସ୍ମାରକୀରେ ପରିଣତ କରିବାର ଲକ୍ଷ୍ୟ ରଖିଛି।

ଏହି ଅବସରରେ ପ୍ରଧାନମନ୍ତ୍ରୀ ରାଜ୍ୟରେ ସମୃଦ୍ଧି ଏବଂ ଆତ୍ମନିର୍ଭରଶୀଳତାର ପ୍ରତୀକ ଭାବରେ ୧୬.୫୦ ଲକ୍ଷରୁ ଅଧିକ ଲକ୍ଷପତି ଦିଦିଙ୍କୁ ଉତ୍ସାହିତ କରିବା ସହିତ, ପ୍ରଧାନମନ୍ତ୍ରୀ ସମଗ୍ର ରାଜ୍ୟର ମହିଳା କୃତିତ୍ୱ ହାସଲକାରୀଙ୍କୁ ସମ୍ମାନିତ କରିବେ।

**ଆକାଶବାଣୀ ସମାଚାର ପାଇଁ ମୁଁ ସରିତା ସାହୁ।**

# ଆକ୍ସିୟମ ୪ ପୋଷ୍ଟପଣ୍ଡ

ଭାରତୀୟ ମହାକାଶଚାରୀ ଶୁଭ୍ରାଂଶୁ ଶୁକ୍ଲାଙ୍କୁ ନେଇ ଆନ୍ତର୍ଜାତିକ ମହାକାଶ କେନ୍ଦ୍ରକୁ ଯିବାକୁ ଥିବା ଆକ୍ସିୟମ-୪ ମିଶନକୁ ପୁଣିଥରେ ସ୍ଥଗିତ ରଖାଯାଇଛି । ଚଳିତମାସ ୨୨ ତାରିଖରେ ଏହି ମିଶନ କାର୍ଯ୍ୟକାରୀ ହେବାର ଥିଲା । ନାସା ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଆନ୍ତର୍ଜାତିକ ମହାକାଶ କେନ୍ଦ୍ରରେ ଥିବା ପରୀକ୍ଷାଗାରରେ କେତେକ ମରାମତି କାର୍ଯ୍ୟ କରାଯାଇଥିବାରୁ ଏହାର ମୂଲ୍ୟାୟନ କରାଯାଉଛି । ତେଣୁ ଏହି ମିଶନକୁ ସ୍ଥଗିତ ରଖାଯାଇଛି । ଆନ୍ତର୍ଜାତିକ ମହାକାଶ କେନ୍ଦ୍ରର ବିଭିନ୍ନ ଭାଗ ପରସ୍ପର ସହ ଯୋଡ଼ିହୋଇ ରହିଥିବାରୁ ସେଥିରେ ଅଧିକ କ୍ରୁ ସଦସ୍ୟ କିଭଳି କାର୍ଯ୍ୟ କରିବେ ସେ ନେଇ ତଥ୍ୟ ବିଶ୍ଳେଷଣ କରାଯାଉଛି ।

ଇତିମଧ୍ୟରେ ଏକ୍ସିୟମ-୪ରେ ଯିବାକୁ ଥିବା କ୍ରୁ ସଦସ୍ୟମାନଙ୍କୁ ଫ୍ଲୋରିଡାରେ ସଙ୍ଗରୋଧରେ ରଖାଯାଇଛି । ଫଳରେ ଯେକୌଣସି ସମୟରେ ସେମାନଙ୍କୁ ମହାକାଶକେନ୍ଦ୍ରକୁ ପଠାଯାଇପାରିବ । ଅନ୍ୟପକ୍ଷରେ ଫ୍ଲୋରିଡାସ୍ଥିତ କେନେଡି ମହାକାଶ କେନ୍ଦ୍ରର ୩୯-ଏ ଲଞ୍ଚ ପ୍ୟାଡ୍‌ରେ ସ୍ପେସେକ୍ସ ଫାଲକନ-୯ ରକେଟ୍ ପ୍ରସ୍ତୁତ ହୋଇ ରହିଛି ।

# ଏୟାର ଇଣ୍ଡିଆ ଫ୍ଲାଇଟ୍ କ୍ୟାନସଲ

ଏୟାର ଇଣ୍ଡିଆ ପରିଚାଳନାଗତ ଏବଂ ମରାମତିଜନିତ କାରଣ ଦର୍ଶାଇ ଅନେକ ଗୁଡିଏ ଅନ୍ତର୍ଜାତିକ ବିମାନ ଉଡାଣ ରଦ୍ଦ କରିଛି । ଏକ ବିଜ୍ଞପ୍ତିରେ

ଏୟାର ଇଣ୍ଡିଆ ପକ୍ଷରୁ କୁହାଯାଇଛି ବୋଇଂ ୭୮୭ ଏବଂ ୭୭୭ ବିମାନର ଉଡାଣ ହ୍ରାସ କରାଯାଇଛି । କମ୍ପାନୀ ପକ୍ଷରୁ ସମ୍ପୃକ୍ତ ବିମାନ ଗୁଡ଼ିକର ସମ୍ପୂର୍ଣ୍ଣ ଯାଞ୍ଚ କାର୍ଯ୍ୟ ତଥା ନିରାପତ୍ତା ସୁନିଶ୍ଚିତ କରିବା ଲାଗି ଏହିଭଳି ପଦକ୍ଷେପ ନିଆଯାଇଥିବା କୁହାଯାଇଛି । ସୂଚନା ଅନୁଯାୟୀ ଅମୃତସର ଓ ଗୋଆରୁ ଲଣ୍ଡନ ଯିବାକୁ ଥିବା ବିମାନ ସେବା ଆସନ୍ତାମାସ ୧୫ ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଥିବାବେଳେ ଦିଲ୍ଲୀରୁ ନାଇରୋବିକୁ ସମସ୍ତ ଉଡାଣ ଚଳିତମାସ ୩୦ ତାରିଖ ପର୍ଯ୍ୟନ୍ତ ବାତିଲ କରାଯାଇଛି । ଆସନ୍ତାକାଲିଠାରୁ ୧୫ ତାରିଖ ପର୍ଯ୍ୟନ୍ତ ଦିଲ୍ଲୀରୁ ଟରଣ୍ଟୋ, ଓ୍ୱାଶିଂଟନ, ଲଣ୍ଡନ, ପ୍ୟାରିସ୍, ଭିଏନା, ମେଲବର୍ଣ୍ଣ ଓ ଟୋକିଓକୁ ଉଡାଣ ରଦ୍ଦ କରାଯାଇଛି ।

## ବିବେକ ଲାଗୁ ପାସ୍‌ଡ ଏଓ୍ୱେ

ବର୍ଷିଆନ ଅଭିନେତା ତଥା ନିର୍ଦ୍ଦେଶକ ବିବେକ ଲାଗୁଙ୍କର ୭୪ବର୍ଷ ବୟସରେ ପରଲୋକ ଘଟିଛି । ସେ ଉଭୟ ମରାଠୀ ଏବଂ ହିନ୍ଦୀ ଚଳଚ୍ଚିତ୍ରରେ ଅଭିନୟ କରିଥିଲେ । ଆଜି ମୁମ୍ବାଇର ଓସିଓ୍ୱାରାଠାରେ ଶେଷକୃତ୍ୟ ସମ୍ପନ୍ନ କରାଯିବ । ବିବେକ ଲାଗୁ ପୂର୍ବରୁ ଜଣାଶୁଣା ଅଭିନେତ୍ରୀ ରିମା ଲାଗୁଙ୍କୁ ବିବାହ କରିଥିଲେ । ସେ ଉଭୟ ଟେଲିଭିଜନ ଏବଂ ଚଳଚ୍ଚିତ୍ର ଜଗତରେ ବିଭିନ୍ନ ଭାଷାରେ ଅଭିନୟ କରିଥିଲେ । ତାଙ୍କ

ଅଭିନୀତ ଚଳଚ୍ଚିତ୍ରଗୁଡ଼ିକ ମଧ୍ୟରେ 'ଗୋଦାବରୀ ନେ କାୟର କେଲେ', 'ଅଗ୍ଲୀ', 'ହ୍ୱାଟ୍ ଏବାଉଟ୍ ସବରକର' ଏବଂ '୩୧ ଡିଭର୍ସ' ଲୋକପ୍ରିୟ ଅଟେ ।

## ଛତିଶଗଡ ଏନ୍‌କାଉଣ୍ଟର

ଛତିଶଗଡରେ ଆଜି ସୁରକ୍ଷାବଳ ସହ ଗୁଳିବିନିମୟରେ ଜଣେ ମହିଳା ମାଓବାଦୀଙ୍କ ମୃତ୍ୟୁ ଘଟିଛି । କଙ୍କର ଜିଲ୍ଲା ଅନ୍ତର୍ଗତ ଆମତୋଳା ଏବଂ କାଲପର ଜିଲ୍ଲାରେ ସୁରକ୍ଷାବଳ ଓ ମାଓବାଦୀଙ୍କ ମଧ୍ୟରେ ଗୁଳିବିନିମୟ ଘଟିଥିଲା । ଗୁଇନ୍ଦା ସୂତ୍ରରୁ ଖବର ମିଳିବା ପରେ ଜିଲ୍ଲା ରିଜର୍ଭ ଗାର୍ଡ ଓ ସୀମା ସୁରକ୍ଷା ବଳ ପକ୍ଷରୁ ମିଳିତଭାବେ ଖାନ୍‌ତଲାସୀ ଅଭିଯାନ କରାଯାଇଥିଲା । ସଂପୃକ୍ତ ଅଞ୍ଚଳରେ ଏବେମଧ୍ଯ ଖାନ୍‌ତଲାସୀ ଜାରି ରହିଥିବା ସୂଚନା ମିଳିଛି ।

## ୱାର୍ଲ୍ଡ ରିଫ୍ୟୁଜ ଡେ

ଶରଣାର୍ଥୀମାନଙ୍କୁ ସମ୍ମାନିତ କରିବା ଏବଂ ସେମାନଙ୍କୁ ଗ୍ରହଣ କରିବା ଉଦ୍ଦେଶ୍ୟରେ ଆଜି ପାଳନ କରାଯାଉଛି ବିଶ୍ୱ ଶରଣାର୍ଥୀ ଦିବସ । ସଂଘର୍ଷ କିମ୍ବା ଅତ୍ୟାଚାରରୁ ରକ୍ଷା ପାଇବା ପାଇଁ ନିଜ ଦେଶଛାଡି ପଳାଇବାକୁ ବାଧ ହେଉଥିବା ଲୋକଙ୍କ ଶକ୍ତି ଓ ସାହସକୁ ଆଜିର ଦିନରେ ସମ୍ମାନ ପ୍ରଦର୍ଶନ

କରାଯାଇଥାଏ । ଚଳିତବର୍ଷ ବିଶ୍ୱ ଶରଣାର୍ଥୀ ଦିବସର ବାର୍ତ୍ତା ରହିଛି 'ଶରଣାର୍ଥୀଙ୍କ ସହ ଏକତା' । ଏହି ଦିବସରେ ଶରଣାର୍ଥୀମାନଙ୍କୁ ପୂର୍ଣ୍ଣପ୍ରାଣରେ ସମର୍ଥନ କରିବା ଏବଂ ସେମାନଙ୍କ ପାଇଁ ପଦକ୍ଷେପ ଗ୍ରହଣ କରିବା ଲାଗି ସଚେତନତା ସୃଷ୍ଟି କରାଯାଇଥାଏ । ଏହି ଅବସରରେ ଗତକାଲି ଜାତିସଂଘ ଶରଣାର୍ଥୀ ଉଚ୍ଚାୟୁକ୍ତଙ୍କ ପକ୍ଷରୁ ନୂଆଦିଲ୍ଲୀରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା ।

# ଯୋଗ

ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ଆସନ୍ତାକାଲି ଏକଦଶତମ ଆନ୍ତର୍ଜାତିକ ଯୋଗ ଦିବସ ଅବସରରେ ଦେଶର ୧୦୦ଟି ପର୍ଯ୍ୟଟନ ସ୍ଥଳୀ ଏବଂ ୫୦ରୁ ଊର୍ଦ୍ଧ୍ୱ ସାଂସ୍କୃତିକ କେନ୍ଦ୍ରରେ ଯୋଗ ଶିବିର ଅନୁଷ୍ଠିତ ହେବ । ବିଶାଖାପଟନମ୍ ଠାରେ ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ଏହାର ମୁଖ୍ୟ ଶିବିର ମଧ୍ୟ ଅନୁଷ୍ଠିତ ହେବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ । କେନ୍ଦ୍ର ସଂସ୍କୃତିକ ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ ରାଜସ୍ଥାନର ଜୋଧପୁରସ୍ଥିତ ଐତିହାସିକ ମେରାନଗଡ଼ ଦୁର୍ଗଠାରେ ହେବାକୁ ଥିବା ଯୋଗ କାର୍ଯ୍ୟକ୍ରମରେ ଯୋଗଦେବେ ।

ଦେଶରେ ୩ ଲକ୍ଷ ୫୦ ହଜାରରୁ ଅଧିକ ସ୍ଥାନରେ ଯୋଗ ସଙ୍ଗମ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଚଳିତ ବର୍ଷର ବିଷୟବସ୍ତୁ ରହିଛି **"ଏକ ପୃଥିବୀ : ଏକ ସ୍ୱାସ୍ଥ୍ୟପାଇଁ ଯୋଗ"** ।

***Voice :...... (Yoga Zingle)***

ସେହିପରି ଆସାମର ଚାରାଇଦେଓ ମଇଦାନ, ଗୁଜରାଟର ରାନିକି ଭାବ୍ ଏବଂ ଧୋଲାଭିରା, କର୍ଣ୍ଣାଟକର ହାମ୍ପି ଓ ପାଟାଡାକାଲ୍, ମଧ୍ୟପ୍ରଦେଶର ଖଜୁରାହୋ ଓ ସାଞ୍ଚି ସ୍ତୁପ, ଓଡ଼ିଶାର କୋଣାର୍କ ମନ୍ଦିର, ମହାରାଷ୍ଟ୍ରର ଏଲିଫ୍ୟାଣ୍ଟସ୍ କେଭ୍ସ୍, ତାମିଲନାଡୁର ତାଞ୍ଜାଭୁର୍ ସ୍ଥିତ ବ୍ରିହାଦିସ୍‌ଭାରା ମନ୍ଦିର ଠାରେ ଯୋଗ ଶିବିରର ଆୟୋଜନ କରାଯିବ ।

## ଏମ୍.ଓ. ଆୟୁଷ୍

କେନ୍ଦ୍ର ସ୍ୱାଧୀନ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ରାଓ ଯାଦବ କହିଛନ୍ତି, ଯୋଗ କେବଳ ଏକ ଦିନିକିଆ କାର୍ଯ୍ୟକ୍ରମ ନୁହେଁ, ଏହା ଆମର ପ୍ରତ୍ୟେକ ଦିନର ଜୀବନ ଶୈଳୀ ସହିତ ସମ୍ପର୍କିତ । ଆକାଶବାଣୀ ସମ୍ବାଦ ବିଭାଗ ସହ ଏକ ସ୍ୱତନ୍ତ୍ର ସାକ୍ଷାତ୍‌କାରରେ ମନ୍ତ୍ରୀ ଶ୍ରୀ ଯାଦବ ଜନସାଧାରଣଙ୍କୁ ଯୋଗକୁ ଆପଣାଇବା ସହିତ ସେମାନଙ୍କ ପରିବାରବର୍ଗଙ୍କୁ ମଧ୍ୟ ଯୋଗକୁ ଆପଣାଇବା ଲାଗି ପ୍ରୋତ୍ସାହିତ କରିବାକୁ ଆହ୍ୱାନ ଦେଇଛନ୍ତି ।

## ଇଣ୍ଡିଆ-ଇଂଲଣ୍ଡ କ୍ରିକେଟ୍ ସିରିଜ

ଭାରତ ଓ ଇଂଲଣ୍ଡ ମଧ୍ୟରେ ଆଜି ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ପ୍ରଥମ ମ୍ୟାଚ୍ ଲିଡ୍‌ସ୍‌ଠାରେ ଖେଳାଯିବ । ଭାରତୀୟ ସମୟ ଅପରାହ୍ଣ ୩ଟା ୩୦ ମିନିଟ୍‌ରେ ମ୍ୟାଚ୍ ଆରମ୍ଭ ହେବ । ଦଳରେ ରୋହିତ୍ ଶର୍ମା ଏବଂ ବିରାଟ କୋହଲିଙ୍କ ଭଳି ଖେଳାଳିଙ୍କ ଅନୁପସ୍ଥିତିରେ ଶୁଭ୍‌ମନ୍ ଗିଲ୍‌ଙ୍କ

ଉପରେ ସମସ୍ତଙ୍କ ନଜର ରହିବ । ଗତକାଲି ନୂଆ ଆଣ୍ଡରସନ୍-ତେନ୍ଦୁଲ୍କର ଟ୍ରଫି ଉନ୍ମୋଚିତ ହୋଇଥିଲା । ଉଭୟ ଜେମ୍ସ୍ ଆଣ୍ଡରସନ୍ ଏବଂ ସଚିନ୍ ତେନ୍ଦୁଲ୍କରଙ୍କ ଉପସ୍ଥିତିରେ ଏହି ଟ୍ରଫିର ଉନ୍ମୋଚନ କରାଯାଇଥିବା ଜଣାପଡ଼ିଛି ।